Ph : 0674-2393464
2395979

# BIJU JANATA DAL

Qrs. No. 6R-3, Unit-VI, Bhubaneswar (Odisha)

## ପ୍ରେସ୍ ଇସ୍ତାହାର

ମାନ୍ୟବର ବିରୋଧୀ ଦଳ ନେତା ଆଜି ଅଭିଯୋଗ କରିଛନ୍ତି ଯେ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଘୋଟାଲାରେ ଅଭିଯୁକ୍ତ ଶ୍ରୀକୃଷ୍ଣ ପାଢ଼ୀଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପାଢ଼ୀ ବିଜୁ ଜନତା ଦଳ ଆକାଉଣ୍ଟରେ ଅଲଗା ଅଲଗା ଦିନରେ ଲକ୍ଷ ଲକ୍ଷ ଟଙ୍କା ଜମା କରିଛନ୍ତି । ଏପରିକି ଗୋଟିଏ ଦିନରେ ଏହି ଆକାଉଣ୍ଟରେ ୮ କୋଟି ଟଙ୍କା ଜମା କରାଯାଇଛି ।

ଏ ସମ୍ବନ୍ଧରେ ଆମେ ଏହା ସ୍ପଷ୍ଟ କରୁଛୁ ଯେ ଅଭିଯୁକ୍ତ ଶ୍ରୀକୃଷ୍ଣ ପାଢ଼ୀ ଓ ତାଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଗ୍ରାମ: ଦହିସଢ଼ା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱରଙ୍କ ଦ୍ୱାରା କୌଣସି ଅର୍ଥ କେବେ ବି ବିଜୁ ଜନତା ଦଳ ଆକାଉଣ୍ଟରେ ଜମା କରାଯାଇ ନାହିଁ । ଶ୍ରୀକୃଷ୍ଣ ପାଢ଼ୀ ଅର୍ଥତତ୍ତ୍ୱ ଘୋଟାଲାରେ ଜଡ଼ିତ ଥିବାରୁ ଗିରଫ ହୋଇ ମଇ ୨୦୧୪ ଠାରୁ ଏ ପର୍ଯ୍ୟନ୍ତ ଜେଲ୍‌ରେ ଅଛନ୍ତି ।

ଅପର ପକ୍ଷରେ, ବିଜୁ ଜନତା ଦଳ କାର୍ଯ୍ୟାଳୟରେ କାମ କରୁଥିବା ଜନୈକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପି: ସ୍ୱର୍ଗତ କପିଳ ପାଢ଼ୀ, ନିବାସ: ରଥ ସାହି, ପୁରୁଷୋତ୍ତମପୁର, ଜିଲ୍ଲା: ଗଂଜାମ ବିଜୁ ଜନତା ଦଳ ଆକାଉଣ୍ଟରେ ଦଳୀୟ ମେମ୍ବରସିପ୍ ଫିସ୍ ପ୍ରଭୃତି ନିୟମିତ ବ୍ୟବଧାନରେ ଜମା କରିଥାନ୍ତି । କୌଣସି ଦିନରେ ବି ଏହି ଆକାଉଣ୍ଟରେ ଅର୍ଥତତ୍ତ୍ୱ ଘୋଟାଲା ଅଭିଯୁକ୍ତ ଶ୍ରୀକୃଷ୍ଣ ପାଢ଼ୀଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ୮ କୋଟି ଟଙ୍କା ତ ଦୂରର କଥା ଗୋଟିଏ ବି ଟଙ୍କା ଜମା କରାଯାଇ ନାହିଁ ।

ଉଭୟଙ୍କ ନାମର ଏହି ସାମଞ୍ଜସ୍ୟକୁ ମାନ୍ୟବର ବିରୋଧୀ ଦଳ ନେତା ଠିକ୍ ଭାବେ ତନଖି ନକରି ଏଭଳି ଏକ ଅସତ୍ୟ, ବିଭ୍ରାନ୍ତିକର, ଦାୟିତ୍ୱହୀନ ତଥା ଶସ୍ତା ଅଭିଯୋଗ ହୀନ ରାଜନୈତିକ ଉଦ୍ଦେଶ୍ୟରେ ଆଣିଛନ୍ତି । ରାଜ୍ୟ ବିଧାନସଭାରେ ମାନ୍ୟବର ବିରୋଧୀ ଦଳ ନେତା ଏକ ମର୍ଯ୍ୟାଦା ସଂପନ୍ନ ପଦବୀ ଅଧିକାର କରିଥାନ୍ତି । ଏଭଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥାଇ ଶସ୍ତା ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏଭଳି ଅସତ୍ୟ ବିବୃତ୍ତି ଦେଇ ଗୃହ ତଥା ରାଜ୍ୟବାସୀଙ୍କୁ ପ୍ରତାରିତ କରିଥିବାରୁ ସେ ତୁରନ୍ତ ରାଜ୍ୟବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ୍ ପଦ ମର୍ଯ୍ୟାଦା ବଜାୟ ରଖି ବିରୋଧୀଦଳ ନେତା ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ।

**ମାନନୀୟ ବାର୍ତ୍ତା ସଂପାଦକ, ସମାଜ/ ସମ୍ବାଦ/ ଧରିତ୍ରୀ/ ପ୍ରଜାତନ୍ତ୍ର/ ପ୍ରଗତିବାଦୀ/ ସମୟ/ ଅନୁପମ ଭାରତ/ ପର୍ଯ୍ୟବେକ୍ଷକ/ ମାତୃଭାଷା/ ସମ୍ବାଦ କଳିକା/ ଓଡ଼ିଶା ଭାସ୍କର/ ସୂର୍ଯ୍ୟପ୍ରଭା/ନକ୍ଷତ୍ରଜ୍ୟୋତି/ ଦିନଲିପି/ ପ୍ରତିଦିନ/ ପ୍ରମେୟ/ ସଂଚାର/ଓଡ଼ିଶା ଏକ୍ସପ୍ରେସ୍/ ଅନନ୍ୟ/ ନିର୍ଭୟ/ ଖବର/ ଦି. ଇଣ୍ଡିଆନ୍ ଏକ୍ସପ୍ରେସ୍/ଟେଲିଗ୍ରାଫ୍/ଟାଇମ୍‌ସ ଅଫ୍ ଇଣ୍ଡିଆ/ଷ୍ଟେଟ୍‌ସ୍‌ମ୍ୟାନ୍/ପାୟୋନିୟର୍/ଓଡ଼ିଶା ପୋଷ୍ଟ ।**

ମହାଶୟ,

ଉପରୋକ୍ତ ସମ୍ବାଦଟି ଦୟାକରି ଆପଣଙ୍କ ସ୍ଥାନୀୟ ସମ୍ବାଦ ପତ୍ରରେ ପ୍ରକାଶ କରିବାକୁ ସବିନୟ ଅନୁରୋଧ ।

ଆପଣଙ୍କର ବିଶ୍ୱସ୍ତ,

ଅରୁଣ

(ଡ. ଅରୁଣ ସାହୁ)
ସାଧାରଣ ସଂପାଦକ ।
**General Secretary**
**Biju Janata Dal, Odisha**